# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 16 November – 2025

***********************************

## ମୁଖ୍ୟ ସମ୍ବାଦ

- ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପରିଚାଳନାରେ ପ୍ରେସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

— ଜାତୀୟ ପ୍ରେସ୍ ଦିବସ ୨୦୨୫ ପାଳନ ଅବସରରେ କହିଲେ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ନୈତିକତାର ସୁରକ୍ଷା ସହିତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛି; ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସରେ ଆଇନ୍‌ମନ୍ତ୍ରୀଙ୍କ ବକ୍ତବ୍ୟ

- ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ଆଜିଠାରୁ ରାଜ୍ୟରେ ପାଳନ କରାଯାଉଛି ଶୂନ୍ୟ ମୃତାହତ ପକ୍ଷ

ଏବଂ

- ସାଇବର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ ଓଡ଼ିଶା ପୁଲିସ୍ ପକ୍ଷରୁ ପରିକ୍ରମା କରୁଛି ସାଇବର ରଥ

## ଜାତୀୟ ପ୍ରେସ୍ ଦିବସ-୧

ଦେଶରେ ଆଜି ବିଭିନ୍ନ ସରକାରୀ ଓ ବେସରକାରୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଜାତୀୟ ପ୍ରେସ୍ ଦିବସ ପାଳନ କରୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏବଂ ସମାଜରେ ସାମ୍ବାଦିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବ୍ରିଟିଶ ଶାସନ ସମୟରୁ ଆରମ୍ଭ କରି ଅଦ୍ୟାବଧି ଭାରତୀୟ ପ୍ରେସ୍ ବା ଗଣମାଧ୍ୟମର ଭୂମିକା ସର୍ବଦା ଉଚ୍ଚରେ ରହିଛି। ସାମ୍ବାଦିକମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ ଏବଂ ଏକ ମୁକ୍ତ ଗଣମାଧ୍ୟମ, ସୁସ୍ଥ ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗଣମାଧ୍ୟମର ଗୁରୁତ୍ୱକୁ ଦୃଷ୍ଟିରେ ରଖି ୧୯୬୬ ମସିହା ଆଜିର ଦିନରେ ପ୍ରେସ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ ବା ଭାରତୀୟ ପ୍ରେସ୍ ପରିଷଦ ଗଠନ କରାଯାଇଥିଲା। ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆ କାର୍ଯ୍ୟ କରିଥାଏ । 'ଡିଜିଟାଲ୍ ଯୁଗରେ ଭାରତର ଚତୁର୍ଥ ସ୍ତମ୍ଭକୁ ସୁଦୃଢ଼ କରିବା' ପ୍ରସଙ୍ଗରେ ଚଳିତ ବର୍ଷର ଆଜିର ଦିବସ ପାଳନ କରାଯାଉଛି ।

## ବୈଷ୍ଣବ - ପ୍ରେସ୍ ଡେ

ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପରିଚାଳନାରେ ପ୍ରେସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ପ୍ରେସ୍ ଦିବସ-୨୦୨୫ ପାଳନ ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, ଆଜି ଏହି ଅବସରରେ 'ଭୁଲ୍ ତଥ୍ୟକୁ ପ୍ରତିହତ କରିବା ଏବଂ ପ୍ରେସ୍ ପ୍ରତି

ବିଶ୍ୱସନୀୟତାକୁ ସଶକ୍ତ କରିବା’ ସମ୍ପର୍କିତ ଏକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି । ପ୍ରେସ୍ ଏବଂ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଶ୍ରୀ ବୈଷ୍ଣବ ଅଭିନନ୍ଦନ ଜଣାଇଛନ୍ତି ।

***Voice (Baishnav)*** :..........

ଭାରତୀୟ ପ୍ରେସ୍ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଏହି ବକ୍ତୃତାମାଳାରେ ଯୋଗଦେଇ ସାମ୍ବାଦିକତା କ୍ଷେତ୍ରରେ ଜନସାଧାରଣଙ୍କୁ ସଠିକ୍ ତଥ୍ୟ ପ୍ରଦାନ ଦିଗରେ ସାଧୁତା ଓ ନିରନ୍ତର ପ୍ରତିବଦ୍ଧତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ବକ୍ତୃତାମାଳାରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏବଂ ସୂଚନା ଓ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ପ୍ରମୁଖ ଯୋଗ ଦେଇଥିଲେ ।

୧୯୬୬ ମସିହା ଆଜିର ଦିନରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପ୍ରତିଷ୍ଠା ହୋଇ ଗଣମାଧ୍ୟମର ଏକ ସ୍ୱାଧୀନ ନୈତିକ ଜାଗ୍ରତ ପ୍ରହରୀ ଭାବେ ତା’ର କାର୍ଯ୍ୟ କରିଆସୁଛି ।

## ପ୍ରେସ୍ ଦିବସ-୨

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୟଦେବ ଭବନଠାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ନୈତିକତାର ସୁରକ୍ଷା ସହିତ ସରକାର ଓ ଜନସାଧାରଣଙ୍କ ମଧ୍ୟରେ

ଗଣମାଧ୍ୟମ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛି। ସାମ୍ବାଦିକ ବୃତ୍ତିରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ସାଧୁତା, ସଚ୍ଚୋଟତା, ମୂଲ୍ୟବୋଧ ଓ ଦାୟିତ୍ୱକତାର ସହ ସତ୍ୟର ସାମ୍ନା କଲେ ଗଣତନ୍ତ୍ର ସୁରକ୍ଷିତ ରହିବ।

**- V/O -**(ପୃଥ୍ୱୀରାଜ ହରିଚନ୍ଦନ)

ସାମ୍ବାଦିକମାନଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପ୍ରଦାନ ନେଇ ଏକ ସ୍ୱତନ୍ତ୍ର ପ୍ରେସ୍ ନୀତି ଜରୁରୀ ବୋଲି ସାଂସଦ ରବୀନ୍ଦ୍ର ବେହେରା କହିଥିଲେ। କୃତ୍ରିମ ବୁଦ୍ଧିମତା ଆଧାରିତ ଅସତ୍ୟ ଖବର ଠାରୁ ଦୂରେଇ ରହିବା ସହିତ ଏହାର ପ୍ରସାରଣକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ ବୋଲି ଶ୍ରୀ ବେହେରା କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥି ଯୋଗଦେଇ ସାମ୍ବାଦିକ ଓ ପ୍ରେସ୍‌ର ଭୂମିକା ଉପରେ ଆଲୋଚନା କରିଥିଲେ।

## ପ୍ରେସ୍ ଦିବସ-୩

ଭ୍ରମାତ୍ମକ ଖବର ସମ୍ବାଦପତ୍ରର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ ବୋଲି ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅତିଥିମାନେ କହିଛନ୍ତି। ସଠିକ ଖବର ପରିବେଷଣ ଓ ଗଠନ ମୂଳକ ସମାଲୋଚନା ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିଥାଏ। ଦାୟିତ୍ୱସମ୍ପନ୍ନ ଗଣମାଧ୍ୟମ ପ୍ରତ୍ୟେକ ଖବରର ସତ୍ୟତା ଯାଂଚ କରି ଲୋଚଲୋଚନକୁ ଆଣିବା ବିଧେୟ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତା ସଂରକ୍ଷଣ ଉପରେ ଆଲୋକପାତ

କରି ପ୍ରଫେସର ମିଶ୍ର କହିଛନ୍ତି, ଭ୍ରମାତ୍ମକ ଖବରରରୁ ଦୂରେଇ ରହି ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରି ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ନିଜେ ନିଜର ଭୂମିକା ନିର୍ଣ୍ଣୟ କରୁ। ରେଭେନ୍‌ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଦେବୀଲାଲ ମିଶ୍ର କହିଛନ୍ତି, ପ୍ରତ୍ୟେକ ଖବର ପ୍ରସାରଣ ପୂର୍ବରୁ ଗଣମାଧ୍ୟମ ସଂସ୍ଥା ଏବଂ ଏଥିସହିତ ଜଡିତ ବ୍ୟକ୍ତିବିଶେଷ ତଥ୍ୟର ଗଭୀର ସମୀକ୍ଷା କରିବାର ଆବଶ୍ୟକତା ରହିଛି। ଭ୍ରମାତ୍ମକ ଖବର ଗଣତନ୍ତ୍ର ଓ ସମାଜ ପ୍ରତି କ୍ଷତିକାରକ ବୋଲି ପ୍ରଫେସର ମିଶ୍ର କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ କହିଛନ୍ତି, ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମଗୁଡ଼ିକ ଖବର ପ୍ରସାରଣ ସମୟରେ ଭୁଲ୍ ଖବର ଠାରୁ ଦୂରେଇ ରହିବା ଆବଶ୍ୟକ। ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଜୟଦେବ ଭବନଠାରେ ଅନୁଷ୍ଠିତ ସମ୍ବାଦପତ୍ର ପ୍ରଦର୍ଶନୀକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉଦ୍‌ଘାଟନ କରିଥିଲେ। ଦେଶ ବିଦେଶର ୯୩ଟି ପତ୍ରପତ୍ରିକା, ୧୭ଟି ବିଦେଶୀ ଖବର କାଗଜ ସମେତ ୨୪୦ଟି ଓଡ଼ିଆ ଦୈନିକ ଓ ପୁରାତନ ଖବର କାଗଜ ଓ ୫୦୧ଟି ଖବର କାଗଜ ଓ ପତ୍ରପତ୍ରିକା ପ୍ରଦର୍ଶିତ ହୋଇଛି।

## ଜାତୀୟ ପ୍ରେସ୍-ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ପ୍ରେସ୍‌ର ସ୍ୱାଧୀନତା, ସ୍ୱତନ୍ତ୍ରତା ଏବଂ ସାମ୍ବାଦିକମାନଙ୍କର ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ସେମାନଙ୍କର ଭୂମିକାକୁ ନେଇ ଆଲୋଚନା ଚକ୍ର ଆୟୋଜିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତିଭାସନ କାର୍ଯ୍ୟକ୍ରମରେ ଯୋଗଦେଇ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ସାମ୍ବାଦିକମାନେ କୌଣସି ଚାପର ବଶବର୍ତ୍ତୀ ନ ହୋଇ ସଠିକ ଖବର ପରିବେଷଣ କରିବାକୁ ଉପସ୍ଥିତ ବକ୍ତାମାନେ ପରାମର୍ଶ ଦେଇଥିଲେ।

**ମାଲକାନଗିରି** ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ ବରିଷ୍ଠ ସାମ୍ବାଦିକମାନେ ଯୋଗଦେଇ ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ପାଇଁ ସ୍ୱଚ୍ଛ ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ କରିବା ସମସ୍ତଙ୍କର ଗୁରୁଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ମହାବିଦ୍ୟାଳୟ ଓ ବିଦ୍ୟାଳୟସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ ସମ୍ପର୍କରେ ମତ ରଖିଥିଲେ। ୪ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ପୁରସ୍କୃତ କରାଯାଇଥିଲା।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ଦ୍ର ନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବରିଷ୍ଠ ସାମ୍ବାଦିକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀମାନେ ଯୋଗଦେଇ ସମ୍ବାଦ ପରିବେଷଣ ସମୟରେ ମୌଳିକତା ଓ ବାସ୍ତବତା ରକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

**ଦେବଗଡ଼** ଜିଲ୍ଲା ସର୍କିଟ୍ ହାଉସ୍‌ଠାରେ ଜାତୀୟ ପ୍ରେସ୍ ଦିବସ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରମାରଞ୍ଜନ ବିଶ୍ୱାଳ ଯୋଗଦେଇ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ ଶୀର୍ଷକ କାର୍ଯ୍ୟକ୍ରମରେ ମତ ରଖିଥିଲେ।

**ସମ୍ବଲପୁର** ଜିଲ୍ଲାସ୍କୁଲଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅତିଥିମାନେ ସମ୍ବାଦପତ୍ରର ବିଶ୍ୱସନୀୟତା ଉପରେ ଆଲୋଚନା କରିବା ସହିତ ଶୀଘ୍ର ଖବର ପହଞ୍ଚିବା ପରିବର୍ତ୍ତେ ସଠିକ ଖବର ସାମାନ୍ୟ ବିଳମ୍ବରେ ପହଞ୍ଚିଲେ ମଧ୍ୟ ପ୍ରେସର ବିଶ୍ୱସନୀୟତା ବଂଚି ରହିବ ବୋଲି ମତବ୍ୟକ୍ତ କରିଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଏବଂ ପ୍ରଶାସନ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା କରାଯାଇ

ଜନସାଧାରଣଙ୍କୁ କିପରି ଅଧିକ ସମୃଦ୍ଧ କରାଯାଇପାରିବ ସେ ସସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ୍ କାର୍ଯ୍ୟକ୍ରମରେ ଯୋଗଦେଇ ଖବର ପ୍ରସାରଣ ପୂର୍ବରୁ ଖବର ତର୍ଜମା କରି ଖବର ପରିବେଷଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଶୂନ୍ୟ ମୃତାହତ ପକ୍ଷ

ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସ୍ମୃତିରେ ଆଜିଠାରୁ ଚଳିତମାସ ଶେଷ ପର୍ଯ୍ୟନ୍ତ ପାଳିତ ହେଉଛି ଶୂନ୍ୟ ମୃତାହତ ପକ୍ଷ। ସଡକ ନିୟମର କଡାକଡି ପାଳନ ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର ଏବଂ ଭୁବନେଶ୍ୱର-କଟକ ପୁଲିସ୍ କମିଶନର ଏସ୍ ଦେବଦତ୍ତ ସିଂ ଯୋଗଦେଇଥିଲେ। ଶ୍ରୀମତୀ ପାଢ଼ୀ କହିଛନ୍ତି, ସଡକ ଦୁର୍ଘଟଣା ହ୍ରାସ କରି ଏକ ଦୁର୍ଘଟଣାମୁକ୍ତ ସମାଜ ଗଠନ କରିବା ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସଡକ ସୁରକ୍ଷା ପଦଯାତ୍ରାରେ ସାମିଲ ହୋଇଥିଲେ।

ସଡକ ଦୁର୍ଘଟଣା ଜନିତ ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ **ନୟାଗଡ଼** ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଏକ ବାଇକ୍ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବ୍ରଜେନ୍ଦ୍ର ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା।

ସଡକ ଦୁର୍ଘଟଣା ଆହତମାନଙ୍କୁ ତ୍ୱରିତ ସହାୟତା ପହଞ୍ଚାଇ ଜୀବନ ରକ୍ଷା କରିବା ପାଇଁ ଶ୍ରୀ ନାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ସାଇବର ସୁରକ୍ଷା

ରାଜ୍ୟବାସୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ୍ ପକ୍ଷରୁ ୧୬ଟି ସାଇବର ରଥ ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳ ପରିକ୍ରମା କରୁଛି। ରଥଗୁଡ଼ିକରେ ଏଲ୍‌ଇଡି ପ୍ୟାନେଲ୍‌ରେ ପ୍ରଦର୍ଶିତ ହେଉଥିବା ଭିଡିଓ ବାର୍ତ୍ତାକୁ ଜନସାଧାରଣ, ଯୁବବର୍ଗ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ସାଇବର ସୁରକ୍ଷା ସମ୍ବନ୍ଧିତ ସଚେତନତା ଏବଂ ଆଗ୍ରହ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଏହାବ୍ୟତୀତ ସାଇବର ସୁରକ୍ଷା ସମ୍ବନ୍ଧିତ ରାଲି, କର୍ମଶାଳା, ସଭା ସମିତିର ଆୟୋଜନ କରାଯାଇ ସାଧାରଣ ନାଗରିକମାନଙ୍କୁ ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ପାଇଁ ବାର୍ତ୍ତା ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତବର୍ଷ ଅକ୍ଟୋବର ମାସ ୧୮ ତାରିଖରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସାଇବର ସୁରକ୍ଷା ରଥଗୁଡ଼ିକୁ ପତାକା ଦେଖାଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ।

## ଖେଳ ଅଭିଯାନ

**ନବରଙ୍ଗପୁର** ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକ୍ ଦହଣା ଗ୍ରାମର ମିନିଷ୍ଟାଡିୟମ୍‌ଠାରେ ଆସନ୍ତା ୨୬ ତାରିଖରୁ ସଂସଦୀୟ ଖେଳ ଅଭିଯାନ ଆରମ୍ଭ ହେବ। ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ନବରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋଟପାଟ

ବିଧାୟକ ରୁପୁ ଭତରା ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଯୋଗଦେଇ ଦେଶର କୋଣ ଅନୁକୋଣରୁ କ୍ରୀଡା ପ୍ରତିଭାମାନଙ୍କୁ ଚିହ୍ନଟ କରି କ୍ରୀଡାର ବିକାଶ କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି କହିଛନ୍ତି ।

## ବରିଷ୍ଠ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ **ନୟାଗଡ଼** ଜିଲ୍ଲାର ୧୧୯ ଜଣ ତୀର୍ଥଯାତ୍ରୀ ଆଜି ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳି ପରିଭ୍ରମଣରେ ବାହାରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ତୀର୍ଥଯାତ୍ରୀଙ୍କ ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବ୍ରହ୍ମପୁରଠାରୁ ସ୍ୱତନ୍ତ୍ର ରେଳରେ ଯାତ୍ରୀମାନେ ଦେଶର ବିଭିନ୍ନ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଦର୍ଶନୀୟ ସ୍ଥାନ ପରିଭ୍ରମଣ କରିବାର ସୁଯୋଗ ପାଇବେ । ସରକାରଙ୍କ ପକ୍ଷରୁ ଖାଦ୍ୟ ପେୟ ଏବଂ ଚିକିତ୍ସା ସହ ସମସ୍ତ ସୁବିଧା ଏହି ଯାତ୍ରା ସମୟରେ ଉପଲବ୍ଧ ହେବ ।